# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ ମାମଲା ନଂ.- ୪୫/୨୦୨୪

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ ଡେପୁଟି ରେଜିଷ୍ଟ୍ରାର କୋପରେଟିଭ ସୋସାଇଟି, କେନ୍ଦୁଝର, ରାଇସୁଆଁ LAMPCS ର ଗୋଦାମ ଓ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଆବେଦନ କରିଛନ୍ତି । ଉକ୍ତ ସରକାରୀ ଜମି ରକ୍ଷିତ ଖାତାରେ ଅଛି । ଏଣୁ ଆବେଦନ କରିଥିବା ଜମିର ସରକାରୀ ଉଦ୍ଦେଶ୍ୟରେ ସୁବିନିଯୋଗ ନିମନ୍ତେ ନିମ୍ନ ପ୍ରଦତ୍ତ ପ୍ରସ୍ତାବ ଅନୁଯାୟୀ ଏହାର ଖାତା କୁ ରକ୍ଷିତ ରୁ ଆବାଦ ଯୋଗ୍ୟ ଅନାବାଦି କୁ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇପଡିଛି । ଉକ୍ତ ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଗଲେ, ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବାସୀ/ସଂପୃକ୍ତ ଗ୍ରାମ ପଞ୍ଚାୟତର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (କୋଡିଏ ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ ।

## ତଫସିଲ

### ମୌଜା- ରାଇସୁଆଁ

| ହାଲ ମୁତାବକ | | | | ପ୍ରସ୍ତାବିତ ଅନୁଯାୟୀ | | | |
|---|---|---|---|---|---|---|---|
| ଖାତା ନଂ | ପ୍ଲଟ ନଂ | କିସମଟ | ମୋଟ ରକବା (ଏକରରେ) | ଖାତା ନଂ | ପ୍ଲଟ ନଂ | କିସମ | ପ୍ରସ୍ତାବିତ ରକବା (ଏକରରେ) |
| ୫୦୫ (ରକ୍ଷିତ) | ୭୯୫ | ଘରବାରି | ୦.୩୭ | ୫୦୭ (ଆ.ଯୋ.ଅ) | ୭୯୫/୧ | ଘରବାରି | ୦.୨୫ |
| | | | | | | ମୋଟ୍ | ୦.୨୫ |

ତହସିଲଦାର, କେନ୍ଦୁଝର
TAHASILDAR KEONJHAR

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ ଦ୍ୱାରା ପ୍ରଚାର/ପ୍ରସାର ପାଇଁ ପ୍ରେରିତ କରାଗଲା / ଅନ୍ୟ ଏକକିତା ନକଲ District Website: https://kendujhar.odisha.gov.in ପ୍ରକାଶନ ପାଇଁ / ଅନ୍ୟ ଏକକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା।

ତହସିଲଦାର, କେନ୍ଦୁଝର
TAHASILDAR KEONJHAR

Scanned with OKEN Scanner